# NATIONAL NEWS BULLETIN (ODIA)

## 04th June' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଶକ୍ତି ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଜି ଭେନେଜୁଆଲାର ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ଉତ୍ତର-ପୂର୍ବାଞ୍ଚଳ ପରିଷଦ ପୂର୍ଣ୍ଣାଙ୍ଗ ଅଧିବେଶନରେ ଆଜି ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ ପର୍ଯ୍ୟାୟ ଆଡ଼କୁ ଗତି କରୁଥିବା ଆମେରିକା ବୈଦେଶିକ ମନ୍ତ୍ରୀଙ୍କ ସୂଚନା ।

ଏବଂ

- ସାଫ୍ ମହିଳା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭୁଟାନ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଲା ଭାରତ ।

# ପି.ଏମ୍.-ଭେନେଜୁଆଲା ପ୍ରେଜ୍ ଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ଭେନେଜୁଆଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍‌ଙ୍କ ସହ ଆଲୋଚନା କରିବେ । ଶକ୍ତି ସୁରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଔଷଧ ଉଦ୍ୟୋଗ, ସ୍ୱାସ୍ଥ୍ୟସେବା, ପରିବହନ ଏବଂ ନବୀକରଣୀୟ ଶକ୍ତିକ୍ଷେତ୍ରରେ ସହଯୋଗ ବିଷୟରେ ଆଲୋଚନା ହେବ । ଡେଲ୍‌ସି ରୋଡ୍ରିଗେଜ୍ ଗତକାଲି ୫ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ସହ ବୈଦେଶିକ, ଅର୍ଥ ଓ ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଯୋଗାଯୋଗ ଓ ସୂଚନା ଏବଂ ପରିବହନ ମନ୍ତ୍ରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗସ୍ତରେ ଆସିଛନ୍ତି । ରୋଡ୍ରିଗେଜ୍ ବୈଦେଶିକ ମନ୍ତ୍ରୀଭାବେ ୨୦୧୫ରେ ଭାରତ ଆସିଥିବାବେଳେ ଉପରାଷ୍ଟ୍ରପତି ଭାବେ ୨୦୧୯, ୨୦୨୩, ୨୦୨୪ ଓ ୨୦୨୫ରେ ଭାରତ ଗସ୍ତରେ ଆସିଥିଲେ ।

ଏହି ଗସ୍ତକାଳରେ ଭେନେଜୁଆଲାର ପ୍ରତିନିଧି ଦଳ ଶକ୍ତି, ଔଷଧ ଏବଂ ଅଟୋମୋବାଇଲ୍ କ୍ଷେତ୍ର ପରିଦର୍ଶନ କରି ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପ ସାମର୍ଥ୍ୟ ବିଷୟରେ ଅବଗତ ହେବେ ଏବଂ ନୂତନ ସୁଯୋଗର ସନ୍ଧାନ କରିବେ । ଭାରତର ଭେନେଜୁଆଲା ସହିତ ଶକ୍ତି ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଭାଗିତା ରହିଛି । ଭାରତର ସରକାରୀ ଅଧିକୃତ ସଂସ୍ଥାଗୁଡ଼ିକ ଭେନେଜୁଆଲାର ଶକ୍ତି କ୍ଷେତ୍ରରେ ବିନିଯୋଗ କରିଛନ୍ତି ଏବଂ

ଏହାକୁ ଆହୁରି ବୃଦ୍ଧି କରିବା ଲାଗି ଉଦ୍ୟମ କରାଯାଉଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ବାଣିଜ୍ୟ, ଶକ୍ତି ଏବଂ ଗ୍ଲୋବାଲ୍-ସାଉଥ୍ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସୁସମ୍ପର୍କ ରହିଛି ।

## ପି.ଏମ୍. - ଯୋଗାସନ

ପ୍ରଥମ ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା-୨୦୨୬ରେ ଆଜି ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି ଏହି ବିଷୟ ଉଲ୍ଲେଖ କରି କହିଛନ୍ତି, ଯୋଗ ଏବେ ସାରା ବିଶ୍ୱରେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରୁଛି । ଗୁଜରାଟର ଅହମ୍ମଦାବାଦରେ ବିଶ୍ୱ ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ମଞ୍ଚ ବିଶ୍ୱର ଯୋଗ ଉତ୍ସାହୀମାନଙ୍କୁ ଏକତ୍ର କରିଛି । ଏହି କାର୍ଯ୍ୟକ୍ରମର ଆୟୋଜକଙ୍କୁ ଶ୍ରୀ ମୋଦି ଶୁଭେଚ୍ଛା ଜଣାଇଛନ୍ତି ।

# ନର୍ଥ-ଇଷ୍ଟର୍ଣ୍ଣ କାଉନ୍‌ସିଲ୍ ମିଟିଂ

ମେଘାଳୟର ଶିଲଂରେ ଆଜି ଉତ୍ତର-ପୂର୍ବାଞ୍ଚଳ ପରିଷଦର ୭୩ତମ ପୂର୍ଣ୍ଣାଙ୍ଗ ଅଧିବେଶନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅଧ୍ୟକ୍ଷତା କରିବେ । ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜିର ଅଧିବେଶନରେ ଆଞ୍ଚଳିକ ବିକାଶର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ବ୍ୟତୀତ ମୁଖ୍ୟମନ୍ତ୍ରୀସ୍ତରୀୟ କାର୍ଯ୍ୟବଳ  ପକ୍ଷରୁ ହୋଇଥିବା ପ୍ରଗତି ଉପରେ ଆଲୋଚନା ଏବଂ ବିଚାର ବିମର୍ଶ କରାଯିବ । ବିଶେଷଭାବେ ପର୍ଯଟନ, କୃଷି ଓ ଉଦ୍ୟାନ କୃଷି, ନିବେଶ ପ୍ରୋତ୍ସାହନ, ଆତ୍ମନିର୍ଭରଶୀଳତା, କ୍ରୀଡ଼ା, ଅର୍ଥନୈତିକ କରିଡର ବିକାଶ, ଭିତ୍ତିଭୂମି ଓ ସହରାଞ୍ଚଳ ସଂଯୋଗୀକରଣ ଏବଂ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ଆଲୋଚନା ହେବ । ୨୦୪୭ ସୁଦ୍ଧା ଉତ୍ତର-ପୂର୍ବାଞ୍ଚଳକୁ ଆର୍ଥିକ ଅଭିବୃଦ୍ଧି ସଂଯୋଗୀକରଣ, ନବସୃଜନ ଏବଂ ସାଂସ୍କୃତିକ ସମୃଦ୍ଧିର କେନ୍ଦ୍ର ଭାବେ ଗଢ଼ିତୋଳିବାପାଇଁ ଆଜିର ଅଧିବେଶନରେ ଯୋଜନା ପ୍ରସ୍ତୁତ ହେବ । ଅଧିବେଶନରେ ବିଭାଗୀୟ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମ୍‌ଦାର ଏବଂ ୮ଟି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ ।

# ଅମିତ୍ ଶାହା - ତ୍ରିପୁରା ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଦୁଇଦିନିଆ ତ୍ରିପୁରା ଗସ୍ତରେ ଯାଇ ଆଜି ସନ୍ଧ୍ୟାରେ ଅଗରତାଲାରେ ପହଞ୍ଚିବେ । ଗସ୍ତକାଳରେ ଶ୍ରୀ ଶାହା ପୁଷ୍ପବନ୍ତ ପ୍ୟାଲେସ୍ ହୋଟେଲ୍‌ର ଶିଳାନ୍ୟାସ କରିବା ସହ ଲଙ୍କାମୁରାଠାରେ ସୀମା ସୁରକ୍ଷା ବଳର ସୀମା ଆଉଟ୍ ପୋଷ୍ଟ ପରିଦର୍ଶନ କରିବେ । ଶ୍ରୀ ଶାହା ରାଜ୍ୟ ଏବଂ କେନ୍ଦ୍ରର ସୁରକ୍ଷା ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ଶାହାଙ୍କ ଗସ୍ତ ନେଇ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ଓ ସୁରକ୍ଷା ବୈଠକ କରିବେ ବୋଲି ଜଣାପଡ଼ିଛି ।

# ବାରାଣାସୀ - ବ୍ରିକ୍ସ ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ କ୍ଷେତ୍ର ତଥା ବିଶ୍ୱର ସର୍ବପୁରାତନ ସହର ବାରାଣାସୀରେ ଆଜି ଏବଂ ଆସନ୍ତାକାଲି ବ୍ରିକ୍ସ ସାଂସ୍କୃତିକ କାର୍ଯ୍ୟକାରୀ ଗୋଷ୍ଠୀର ଦ୍ୱିତୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଚୀନ୍, ବ୍ରାଜିଲ୍, ଇଜିପ୍ଟ, ଇଥିଓପିଆ ଏବଂ ଇଣ୍ଡୋନେସିଆ ସମେତ ୧୧ଟି ଦେଶର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେବେ । ବିଶ୍ୱର ପ୍ରମୁଖ ବରିଷ୍ଠ

କୂଟନୀତିଜ୍ଞ, ନୀତି ନିର୍ଦ୍ଧାରକ ଏବଂ ସାଂସ୍କୃତିକ ବିଶେଷଜ୍ଞମାନଙ୍କୁ ଏହି ସମ୍ମିଳନୀ ଏକତ୍ର କରିବ ।

ସମ୍ମିଳନୀରେ କାଶୀର ବିଶ୍ୱପ୍ରସିଦ୍ଧ GI ଟ୍ୟାଗ୍‌ଯୁକ୍ତ ଏବଂ ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ ଶୀର୍ଷକ ସ୍ୱତନ୍ତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି । ୬ ଜଣ କଳାକାର ଏହି ପ୍ରଦର୍ଶନୀରେ ବାରାଣାସୀର ସମୃଦ୍ଧ ହସ୍ତକଳା ପରମ୍ପରାର ପ୍ରଦର୍ଶନ କରିବେ ।

## ରୁବିଓ - ୟୁ.ଏସ୍.-ଇଣ୍ଡିଆ

ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସେଠାକାର ସାଂସଦମାନଙ୍କୁ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତିନାମା ଆଉ କିଛି ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ହେବ । ଗତକାଲି ବୈଦେଶିକ ମନ୍ତ୍ରଣାଳୟ ଗୃହକମିଟିର ବୈଠକରେ ସମ୍ପ୍ରତି ଭାରତ ଗସ୍ତ ନେଇ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ରୁବିଓ କହିଛନ୍ତି, ୱାଶିଂଟନ ଏବଂ ନୂଆଦିଲ୍ଲୀ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିଶ୍ୱର ସର୍ବବୃହତ୍ ଏବଂ ସର୍ବପୁରାତନ ଗଣତନ୍ତ୍ର ମଧ୍ୟରେ ଅର୍ଥନୈତିକ ବୁଝାମଣା ଚଳଚଞ୍ଚଳ ହୋଇଛି, ଯେଉଁଥିରେ ଭାରତ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଭାଗିଦାର ସାବ୍ୟସ୍ତ ହେବ । ସେ

କହିଛନ୍ତି, ତାଙ୍କ ଭାରତଗସ୍ତ ସମୟରେ ସେ କ୍ୱାର୍ଡ଼ ରାଷ୍ଟ୍ରସମୂହର ମନ୍ତ୍ରୀମାନଙ୍କ ସହ ଫଳପ୍ରଦ ଆଲୋଚନା କରିଛନ୍ତି । ଭାରତ ସମେତ ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ଆଗାମୀ ଦିନରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମୁଦ୍ରିକ ସହଯୋଗକୁ ଆହୁରି ବୃଦ୍ଧି କରିବା ଲାଗି ବିଭିନ୍ନ ପ୍ରକଳ୍ପ ଆରମ୍ଭ କରିବେ ।

ଅନ୍ୟପକ୍ଷରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ସୁରକ୍ଷିତ ଯୋଗାଣ ଶୃଙ୍ଖଳ ସୃଷ୍ଟି କରିବା ଲାଗି ୧୪ଟି ଦେଶ ଏକ ନୂତନ ପଦକ୍ଷେପ ସ୍ୱରୂପ ପାକ୍ସ ସିଲିକା ଉପରେ କାର୍ଯ୍ୟ କରୁଥିବା ସେ କହିଛନ୍ତି । ସମ୍ପୃକ୍ତ ୧୪ଟି ଦେଶ ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଏବଂ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ ଓ ନିଶ୍ଚିତ କରିବା ଲାଗି ସହଯୋଗୀ ସାବ୍ୟସ୍ତ ହୋଇଛନ୍ତି । ଶ୍ରୀ ରୁବିଓ' ୟୁକ୍ରେନ୍ ସଂଘର୍ଷ ସମ୍ପର୍କରେ କହିଛନ୍ତି, ରୁଷ୍ କିମ୍ବା ୟୁକ୍ରେନ୍ ଶାନ୍ତି ବୁଝାମଣାପାଇଁ ପ୍ରସ୍ତୁତ ନାହାନ୍ତି ।

## ଗଭ - ୧୨ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୨ ବର୍ଷରେ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ' ମନ୍ତ୍ର ନେଇ ଭାରତରେ ଅଭୂତ ପୂର୍ବ ପରିବର୍ତ୍ତନ ଘଟିଛି । ଏହି ସମୟ ମଧ୍ୟରେ

ମୋଦି ସରକାରଙ୍କ ଅନେକଗୁଡ଼ିଏ ଜନହିତକର ଯୋଜନା ଦେଶର ଗରିବ, କୃଷକ, ମହିଳା ଏବଂ ଯୁବପିଢ଼ିଙ୍କୁ ସଶକ୍ତ କରିଛି । ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ୧୨ ବର୍ଷର ସଫଳତା ନେଇ ଆକାଶବାଣୀ ସମ୍ବାଦ ବିଭାଗ ସ୍ୱତନ୍ତ୍ର ଉପସ୍ଥାପନ ପ୍ରସ୍ତୁତ କରିଛି । ଆଜି ଆସନ୍ତୁ ଜାଣିବା ସରକାରଙ୍କ ପଦକ୍ଷେପ ଯୋଗୁଁ କିଭଳି ଭାବେ ବ୍ୟବସାୟରେ ସହଜତା ସମ୍ଭବ ହୋଇପାରିଛି ।

ଗତ ୧୨ ବର୍ଷରେ ଅନେକଗୁଡ଼ିଏ ସମାବେଶୀ ସଂସ୍କାର ଫଳରେ ଦେଶରେ ବ୍ୟବସାୟ କରିବାର ସହଜତାରେ ବିକାଶ ଘଟିଛି । ଏହାଦ୍ୱାରା ନିବେଶକମାନଙ୍କ ବିଶ୍ୱାସ ଦୃଢ଼ ହୋଇଥିବାବେଳେ ଉଦ୍ୟୋଗିତାର ବିକାଶ ଏବଂ ବିଶ୍ୱ ସ୍ତରରେ ଭାରତର ପ୍ରତିଯୋଗିତାମୂଳକ ବ୍ୟାବସାୟିକ ଲକ୍ଷ୍ୟ ପୂରଣ ସଫଳ ହୋଇପାରିଛି । ୨୦୧୬ରେ ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆପ ପଦକ୍ଷେପ ଦେଶର ଉଦ୍ୟୋଗ ବିକାଶ ଓ ନବସୃଜନକୁ ନୂତନ ଦିଗ ଦେବା ସହ ନିବେଶ ଆଧାରିତ ବିକାଶ ବୃଦ୍ଧି ପାଇଛି । ୨୦୧୬ରେ ଦେଶରେ ଷ୍ଟାର୍ଟଅପ୍ ସଂଖ୍ୟା ୫ ଶହ ଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୨ ଲକ୍ଷ ୨୩ ହଜାରକୁ ବୃଦ୍ଧି ପାଇଛି । ଆୟକର ବିଭାଗ ପକ୍ଷରୁ ୨୦୨୧ ମସିହାରେ ନୂଆ ଇ-ଫାଇଲିଂ ପୋର୍ଟାଲ୍ ଖୋଲାଯାଇଛି । ୨୦୧୭ରେ ଦ୍ରବ୍ୟ ଓ ସେବାକର - ଜି.ଏସ୍.ଟି. ଆରମ୍ଭ ହେବା ସହ ଗତବର୍ଷ ସେପ୍ଟେମ୍ବର ମାସରେ ଏଥିରେ ଅନେକଗୁଡ଼ିଏ ପରିବର୍ତ୍ତନ କରାଯାଇ ବ୍ୟବସାୟ କରିବାର ସହଜତା କ୍ଷେତ୍ରରେ ଅତିରିକ୍ତ ସୁବିଧା ସୁଯୋଗ ସୃଷ୍ଟି କରାଯାଇଛି ।

ଅନ୍ୟପକ୍ଷରେ ଏମ୍.ଏସ୍.ଏମ୍.ଇ. ପଞ୍ଜୀକରଣକୁ ସହଜ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଉଦ୍ୟମ ପଞ୍ଜୀକରଣ ପୋର୍ଟାଲ୍ ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୮ ଲକ୍ଷ ୩୧ ହଜାର ଏମ୍.ଏସ୍.ଏମ୍.ଇ. ପଞ୍ଜିକୃତ ହୋଇଥିବା ଜଣାପଡ଼ିଛି । ୨୦୧୬ରେ ସରକାରୀ ଇ-ମାର୍କେଟ୍‌ପ୍ଲେସ୍ GeM ଆରମ୍ଭ ହେବା ଫଳରେ ମହିଳା ଉଦ୍ୟୋଗୀ, ଷ୍ଟାର୍ଟଅପ୍, ସ୍ୱୟଂ ସହାୟଗ ଗୋଷ୍ଠୀ ଏବଂ ଦିବ୍ୟାଙ୍ଗ ଜନଙ୍କୁ ସୁବିଧା ଉପଲବ୍ଧ କରାଯାଇପାରିଛି ।

ଦେଶରେ ବ୍ୟବସାୟ କରିବାର ସହଜତା ଢାଞ୍ଚା ମିଳିତ ଭାବେ ଡିଜିଟାଲ୍ ଭିତ୍ତିଭୂମି, ନୀତି ସଂସ୍କାର ଏବଂ ବିଶ୍ୱାସ ଆଧାରିତ ପ୍ରଶାସନକୁ ସୁଦୃଢ଼ କରିପାରିଛି ।

## ଡବ୍ଲ୍ୟୁ.ବି. - ବୈଷ୍ଣବ ଭିଜିଟ୍

ପଶ୍ଚିମବଙ୍ଗରେ ଅଟକି ରହିଥିବା ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିବା ଲାଗି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତା ଶନିବାର ଦିନ କୋଲ୍‌କାତାରେ ପହଞ୍ଚିବେ । ପୂର୍ବତଟ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଶିବାଜୀ ମାଜି କହିଛନ୍ତି, ରେଳମନ୍ତ୍ରୀ' ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ନବନ୍ନା ସଭାଘରଠାରେ ଏକ ଉଚ୍ଚସ୍ତରୀୟ ବୈଠକ

କରିବେ । ବୈଠକରେ ପୂର୍ବାଞ୍ଚଳ, ଦକ୍ଷିଣ-ପୂର୍ବାଞ୍ଚଳ, ଉତ୍ତର-ପୂର୍ବାଞ୍ଚଳ ଏବଂ ମେଟ୍ରୋ ରେଳର ମହାପ୍ରବନ୍ଧକମାନେ ଯୋଗଦେବେ । ଶ୍ରୀ ମାଜି କହିଛନ୍ତି, ପଶ୍ଚିମବଙ୍ଗରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରାଯିବା ସହ କେନ୍ଦ୍ର-ରାଜ୍ୟ ସମ୍ପର୍କ ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯିବ । ଶନିବାର ଦିନ ରେଳବାଇ ସମ୍ପର୍କିତ ସଂସଦୀୟ କମିଟି କୋଲ୍‌କାତାରେ ପହଞ୍ଚିବା ପରେ ବିଭିନ୍ନ ସଙ୍ଗଠନ ସହ ଆଲୋଚନା କରିବେ ବୋଲି ଶ୍ରୀ ମାଜି କହିଛନ୍ତି ।

## ୟୁକେ ସେକ୍ରେଟାରୀ

ବ୍ରିଟେନ୍‌ର ବୈଦେଶିକ ଏବଂ ରାଜ୍ୟଗୋଷ୍ଠୀ ବ୍ୟାପାର ସଚିବ ୟେଭେଟ୍ କୁପର ଗତକାଲି ଦୁଇଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଶ୍ରୀମତୀ କୁପର ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତକାଳରେ ସେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଶ୍ରୀମତୀ କୁପରଙ୍କ ଗସ୍ତ ଭାରତ-ବ୍ରିଟେନ୍ ବ୍ୟାପକ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବା ଲାଗି ସୁଯୋଗ ପ୍ରଦାନ କରିବ ।

# ଟ୍ରମ୍ପ୍ - ଇରାନ୍

ଆମେରିକା ଏବଂ ଇରାନ୍ ମଧ୍ୟରେ କୂଟନୈତିକ ବୁଝାମଣା ସକାରାତ୍ମକ ଦିଗରେ ଗତି କରୁଥିବା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ କହିଛନ୍ତି । ତେବେ ଚୂଡ଼ାନ୍ତ ବୁଝାମଣା ନେଇ ଅନିଶ୍ଚିତତା ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି । ହ୍ୱାଇଟ୍ ହାଉସ୍‌ରେ ଗଣମାଧ୍ୟମ ସହ କଥାବାର୍ତ୍ତାବେଳେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ତେହେରାନ୍ ସହ କୂଟନୈତିକ ବୁଝାମଣା ଦିଗରେ ଆଲୋଚନା ଭଲଭାବେ ଚାଲିଛି ଏବଂ ଚଳିତ ସପ୍ତାହ ଶେଷସୁଦ୍ଧା ସଫଳତା ମିଳିବା ଆଶା କରାଯାଉଛି ।

ଇତିମଧ୍ୟରେ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସା ଅରାଘାଚି କହିଛନ୍ତି, ଆମେରିକା ସହ ଆଲୋଚନାର ସମସ୍ତ ଦିଗ ଉନ୍ମୁକ୍ତ ରହିଛି । ତେବେ ବୁଝାମଣାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ନେଇ ସେଭଳି ଅଗ୍ରଗତି ପରିଲକ୍ଷିତ ହେଉ ନାହିଁ । ସେ କହିଛନ୍ତି, ଇରାନ୍‌ର ଅଧିକାରର ସୁରକ୍ଷା ସୁନିଶ୍ଚିତ କରାଗଲେ ଉଭୟ ଦେଶ ମଧ୍ୟରେ ଆନୁଷ୍ଠାନିକ ଆଲୋଚନା ସମ୍ଭବ ହୋଇପାରିବ । ଶ୍ରୀ ଆରାଘାଚି କହିଛନ୍ତି, ବେରୁତ୍ ଉପରେ ଇସ୍ରାଏଲ୍ ଆକ୍ରମଣ କଲେ ପୁଣି ଯୁଦ୍ଧ ସୃଷ୍ଟି ହେବାର ସମ୍ଭାବନା ରହିଛି ।

# ସ୍ପୋର୍ଟସ୍

ଗୋଆର ମାର୍ଗାଓଠାରେ ଅନୁଷ୍ଠିତ ସାଫ୍ ମହିଳା ଫୁଟ୍‌ବଲ୍ ପ୍ରତିଯୋଗିତାର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧-୦ ଗୋଲ୍‌ରେ ଭୁଟାନ୍‌କୁ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଛି । ଗତ ୬ ବର୍ଷରେ ଭାରତ ପ୍ରଥମ ଥରପାଇଁ ଫାଇନାଲ୍‌ରେ ପ୍ରବେଶ କରିଛି । ୫ ଥରର ଚାମ୍ପିୟନ୍ ଭାରତ ଆସନ୍ତା ଶନିବାର ଦିନ ଭାରତୀୟ ସମୟ ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ବାଂଲାଦେଶ ବିପକ୍ଷରେ ଅବତୀର୍ଣ୍ଣ ହେବ ।

ଆଜିଠାରୁ ମଙ୍ଗୋଲିଆରେ ଆରମ୍ଭ ହେଉଥିବା ଉଲାନବାଟର ଓପନ୍ ର୍ୟାଙ୍କିଂ ସିରିଜ ପ୍ରତିଯୋଗିତାରେ ଭାରୋତ୍ତୋଳନରେ ଭାରତ ତା'ର ଅଭିଯାନ ଆରମ୍ଭ କରିବ । ଏହି ଚାରିଦିନିଆ ପ୍ରତିଯୋଗିତାରେ ମହିଳା ବର୍ଗରେ ମାନ୍‌ସୀ, ପ୍ରିୟା ମଲ୍ଲିକ, ମୁକୁଲ ଦହିଆ ଏବଂ ପୁରୁଷ ବର୍ଗରେ ଅମନ୍, ସୁନିଲ୍ କୁମାର ଓ ନୀତିଶ କୁମାର ପ୍ରମୁଖ ଭାଗ ନେଉଛନ୍ତି ।

*****